


# ମଣ୍ଡଳୀରେ ମହିଳାମାନଙ୍କ ଭୂମିକା

# THE POSITION OF WOMEN IN THE CHURCH

ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ
ଆଲୁଅ ଅଟେ । (ଗୀତସଂହିତା 119:105) ।



# ମଣ୍ଡଳୀରେ ମହିଳାମାନଙ୍କ ଭୂମିକା

ସଦାପ୍ରଭୁ ପରମେଶ୍ୱରଙ୍କ ବାକ୍ୟ ବାଇବଲର ଅନୁସାରେ ମଣ୍ଡଳୀରେ ମହିଳାମାନଙ୍କୁ ପାଳକ ପଦରେ ନିଯୁକ୍ତ କରାଯାଇପାରେ କି ?ଅର୍ଥାତ୍ ପରମେଶ୍ୱରଙ୍କ ବାକ୍ୟ ବାଇବଲର ଅନୁସାରେ ମହିଳାମାନେ ପାଳକଭାବରେ ମଣ୍ଡଳୀର କାର୍ଯ୍ୟଭାର ବହନ କରି ପାରିବେ କି ?କଅଣ ମହିଳାମାନେ ମଣ୍ଡଳୀରେ ପ୍ରଭୁଙ୍କର ବାକ୍ୟ ପ୍ରଚାର କରିବା ଉଚିତ୍ କି ? । ଆସନ୍ତୁ, ସଦାପ୍ରଭୁ ପରମେଶ୍ୱରଙ୍କ ବାକ୍ୟ ବାଇବଲ ଏ ବିଷୟରେ କଣ ଶିକ୍ଷା ଦିଏ ଅଧ୍ୟୟନ କରିବା ।

ଆଜିକାଲି ଅନେକ ସଂସ୍ଥାଗୁଡ଼ିକ ଏ ବିଷୟରେ ସଦାପ୍ରଭୁ ପରମେଶ୍ୱରଙ୍କ ଜୀବନ୍ତ ଓ ସତ୍ୟ ବାକ୍ୟର ଶିକ୍ଷା ଗ୍ରହଣ ନ କରି ଜଗତ ଓ ମନୁଷ୍ୟମାନଙ୍କ ଭ୍ରାନ୍ତିଜନକ ଭୁଲ ଶିକ୍ଷାକୁ ଗ୍ରହଣ କରନ୍ତି ଏବଂ ଅନ୍ୟମାନଙ୍କୁ ଶିକ୍ଷା ଦିଅନ୍ତି । ଆସନ୍ତୁ, ଏ ବିଷୟରେ ସଦାପ୍ରଭୁ ପରମେଶ୍ୱରଙ୍କ ପବିତ୍ର ବାକ୍ୟ ବାଇବଲ କଅଣ ଶିକ୍ଷା ଦିଏ ତାହା ପ୍ରତି ମନଯୋଗ କରିବା । ଏହି ବିଷୟରେ ମନ ଭିତରେ ଉଠୁଥିବା ସମସ୍ତ ପ୍ରଶ୍ନର ଉତ୍ତର ପବିତ୍ର ପରମେଶ୍ୱରଙ୍କ ବାକ୍ୟ ବାଇବଲ ସରଳ ଓ ସ୍ୱଷ୍ଟ ରୂପରେ ଦିଏ । ଆମ୍ଭେମାନେ ଆପଣା ଲୁଥରାନ୍ ମଣ୍ଡଳୀମାନଙ୍କରେ ଏହି ବିଷୟରେ ବିଶ୍ୱସ୍ତ ଓ ସତ୍ୟ ଭାବରେ ପରମେଶ୍ୱରଙ୍କ ବାକ୍ୟ ବାଇବଲର ଶିକ୍ଷା ଦେଇଥାଉ ।

# ନର ଓ ନାରୀର ଅର୍ଥାତ୍ ସ୍ୱାମୀ ଓ ସ୍ତ୍ରୀର ସୃଷ୍ଟି

ପୁରୁଷର ଓ ସ୍ତ୍ରୀର ମଧ୍ୟରେ ଥିବା ସଂପର୍କକୁ ଭଲ ଭାବେ ବୁଝିବା ପାଇଁ ଆମକୁ ଆଦ୍ୟର ସେହି ସ୍ଥାନକୁ ଯିବା ଆବଶ୍ୟକ, ଯେଉଁଠାରେ ପରମେଶ୍ୱର ସୃଷ୍ଟିର ଷଷ୍ଠ ଦିନରେ ମନୁଷ୍ୟକୁ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ସୃଷ୍ଟି କଲେ ।ପରମେଶ୍ୱର ପ୍ରଥମରେ ନରର (ଆଦମର) ସୃଷ୍ଟି କଲେ,ତାହା ପରେ ସେ ନରର ଅନୁରୂପ ସହକାରିଣୀ ନାରୀର (ହବାର) ନିର୍ମାଣ କଲେ । (ଅନନ୍ତର ସଦାପ୍ରଭୁ ପରମେଶ୍ୱର ଆଦମକୁ ଘୋର ନିଦ୍ରାଗ୍ରସ୍ତ କରାଇ ସେହି ନିଦ୍ରା ସମୟରେ ତାହାର ଖଣ୍ଡେ ପଞ୍ଜର ନେଲେ ଓ ମାଂସ ଦ୍ୱାରା ସେହି ସ୍ଥାନ ପୂରଣ କଲେ ।ଆଉ ସଦାପ୍ରଭୁ ପରମେଶ୍ୱର ଆଦମଠାରୁ ଯେଉଁ ପଞ୍ଜର ଖଣ୍ଡକ ନେଲେ,ତା ଦ୍ୱାରା ଏକ ସ୍ତ୍ରୀକୁ ନିର୍ମାଣ କରି ଆଦମ ପାଖକୁ ଆଣିଲେ ।) ( ଆଦି **2: 21-22)** ।ନାରୀକୁ ନରର ଅନୁରୂପ ସହକାରିଣୀ ରୂପରେ ନିର୍ମାଣ କଲେ । ନାରୀ ସହକାରିଣୀ ଅଟେ କାରଣ ସେ ନର ଠାରୁ ନୀତା ହୋଇଅଛି । ଅତଏବ ନର ପରିବାରରର କର୍ତ୍ତା ଓ ନାରୀ ନରର ସହକାରିଣୀ ଅର୍ଥାତ୍ ସାହାର୍ଯ୍ୟ କାରିଣୀ ଅଟେ ।

ପାପରେ ପତିତ ହେବା ପରେ ସଦାପ୍ରଭୁ ପରମେଶ୍ୱର ନର ଓ ନାରୀ ଅର୍ଥାତ୍ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ସଂପର୍କ  ବିଷୟରେ ନାରୀକୁ କହିଲେ, (ଆମ୍ଭେ ତୁମ୍ଭର ଗର୍ଭବେଦନା ଅତିଶୟ ବୃଦ୍ଧି କରିବା,ତୁମ୍ଭେ ବ୍ୟଥାରେ ସନ୍ତାନ ପ୍ରସବ କରିବ, ପୁଣି ସ୍ୱାମୀ ପ୍ରତି ତୁମ୍ଭର ବାସନା ରହିବ,ସେ ତୁମ୍ଭ ଉପରେ କର୍ତ୍ତୃତ୍ୱ କରିବ ।) (ଆଦି 3:16) । ଉପରୋକ୍ତ ବାକ୍ୟ ହିଁ ସ୍ୱାମୀର ଓ ସ୍ତ୍ରୀର ଭିତରେ ଥିବା ପ୍ରକୃତ ସଂପର୍କ ବିଷୟରେ ଆଦ୍ୟରୁ ସଦାପ୍ରଭୁ ପରମେଶ୍ୱରଙ୍କର ଆଜ୍ଞା ଏଟେ ।

# ସଦାପ୍ରଭୁ ପରମେଶ୍ୱରଙ୍କ ନିକଟରେ ସ୍ୱାମୀ ଓ ସ୍ତ୍ରୀର ଭୂମିକା

ସଦାପ୍ରଭୁ ପରମେଶ୍ୱରଙ୍କର ବ୍ୟବସ୍ଥା ଅନୁସାରେ, ନର ଓ ନାରୀ  ଉଭୟ ପାପ କରିଅଛନ୍ତି ଏବଂ  ଦଣ୍ଡର ଯୋଗ୍ୟ ବୋଲି ଗଣିତ ହୋଇଅଛନ୍ତି । (ସମସ୍ତେ ତ ପାପ କରି ଅଛନ୍ତି,ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇ ଅଛନ୍ତି ।) (ରୋମୀୟ3:23,ଗାଲାତୀୟ 3:22 )ସମସ୍ତେ ଶବ୍ଦର ଅର୍ଥ କଅଣ ? ସମସ୍ତେ ଶବ୍ଦର ଅର୍ଥ, ଉଭୟ, ନର ଓ ନାରୀ ଅର୍ଥାତ୍ ପୁରୁଷ ଓ ସ୍ତ୍ରୀ ସମସ୍ତଙ୍କୁ ବୁଝାଏ । ( ଯେପରି ଲେଖାଅଛି,ଧାର୍ମିକ କେହି ନାହିଁ,ନା, ଜଣେ ସୁଦ୍ଧା ନାହିଁ ) ।( ଉପ.7:20,ପ୍ର.ରାଜା 8:46,ରୋମୀୟ 3:10) । ଏହି ବାକ୍ୟର ଅର୍ଥ କଅଣ ?, ଉପରୋକ୍ତ ବାକ୍ୟର ଅର୍ଥ ହେଉଛି,ଉଭୟ, ନର ନାରୀ ସମସ୍ତେ ପାପୀ,  ପୁଣି

ସମସ୍ତଙ୍କୁ ପାପରୁ ମୁକ୍ତିର ଆବଶ୍ୟକତା ରହିଛି । ଦୟାକରି (ରୋମୀୟ 3:10-18)ପଢ଼ନ୍ତୁ ।ଆମ୍ଭମାନଙ୍କ ମୁକ୍ତିଦାତା ପ୍ରଭୁ ଯୀଶୁଖ୍ରୀଷ୍ଟ ସମସ୍ତ ପାପୀମାନଙ୍କୁ( ନର ଓ ନାରୀ ସମସ୍ତଙ୍କୁ) ପାପରୁ ମୁକ୍ତିଦାନ କରିବାକୁ ମଣିଷ ରୂପରେ ଜଗତକୁ ଆସିଲେ । ସଦାପ୍ରଭୁ ପରମେଶ୍ୱରଙ୍କର ମେଷଶାବକଙ୍କ,ଅର୍ଥାତ୍ ଆମ୍ଭମାନଙ୍କ ଉଦ୍ଧାରକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ କାଲବରୀ କ୍ରୁଶ ଉପରେ ପାତିତ ବହୁମୂଲ୍ୟ ରକ୍ତ ଦ୍ୱାରା ସମଗ୍ର ଜଗତର ପାପ କ୍ଷମା ହୋଇଅଛି । ଆପଣା ଆପଣା ପାପ ସ୍ୱୀକାର କରି, ପ୍ରଭୁଯୀଶୁଙ୍କଠାରେ ବିଶ୍ୱାସ କରିବା ନିମନ୍ତେ, ପୁଣି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଆପଣା ଆପଣା ବ୍ୟକ୍ତିଗତ ତ୍ରାଣକର୍ତ୍ତା ରୂପରେ ଗ୍ରହଣ କରି, ଅନନ୍ତ ଜୀବନର ଅଧିକାରୀ ହେବା ନିମନ୍ତେ ଜଗତର ସମସ୍ତ ନର ଓ ନାରୀଙ୍କୁ, ଆମ୍ଭମାନଙ୍କର ସଦାପ୍ରଭୁ ପରମେଶ୍ୱର ଆହ୍ୱାନ କରୁଅଛନ୍ତି । ଯଦ୍ୟପି ନର ଓ ନାରୀ ସମସ୍ତେ ପାପୀ ଓ ସମସ୍ତଙ୍କ ପାପ ପ୍ରଭୁଯୀଶୁଙ୍କ ଦ୍ୱାରା କ୍ଷମା ହୋଇଅଛି ତଥାପି ସେମାନେ ପରସ୍ପର ଭିନ୍ନ ଅଟନ୍ତି ।ସେମାନେ ସଦାପ୍ରଭୁ ପରମେଶ୍ୱରଙ୍କ ପ୍ରଦତ୍ତ ଗୁଣ, ଅଧିକାର,ଜୀବନ ଯାପନ ପ୍ରଣାଳୀରେ ଓ ଆପଣା ଆପଣା କର୍ତ୍ତବ୍ୟରେ ପରସ୍ପର ଠାରୁ ଭିନ୍ନ ଅଟନ୍ତି । ସନ୍ତାନ ପ୍ରସବ କରିବା ଅଧିକାର ନରମାନଙ୍କୁ ନୁହେଁ,ମାତ୍ର କେବଳ ନାରୀମାନଙ୍କୁ ହିଁ ଦିଆଯାଇଛି ,ଏହି କଥା କେହି ଅସ୍ୱୀକାର କରି ପାରିବେ

ନାହିଁ । ଏହି ପ୍ରକାର ନର ଓ ନାରୀ ମଧ୍ୟରେ ଆହୁରି ଅନେକ ବିଭିନ୍ନତା ରହିଛି ।ସାଧାରଣତଃ, ଆମ୍ଭେମାନେ ସମସ୍ତେ ଜାଣୁ ଯେ,ସାରିରୀକ ଭାବେ ସବୁବେଳେ ସ୍ତ୍ରୀମାନେ ପୁରୁଷମାନଙ୍କଂଠାରୁ ଦୁର୍ବଳା ଅଟନ୍ତି,କେବଳ ସେତିକି ନୁହେଁ,ସ୍ତ୍ରୀମାନେ ଦୁର୍ବଳା ପାତ୍ରୀ ବୋଲି ପରମେଶ୍ୱରଙ୍କ ବାକ୍ୟ ବାଇବଲରେ ମଧ୍ୟ ଉଲ୍ଲେଖ ଅଛି ।(ସେହି ପ୍ରକାରେ ହେ ସ୍ୱାମୀମାନେ,ତୁମ୍ଭମାନଙ୍କ ପ୍ରାର୍ଥନାରେ ଯେପରି ବାଧା ନ ଜନ୍ମେ,ଏଥିନିମନ୍ତେ ସ୍ତ୍ରୀମାନଙ୍କୁ ଅପେକ୍ଷାକୃତ ଦୁର୍ବଳା ପାତ୍ରୀ ଓ ଆପଣାମାନଙ୍କ ସହିତ ଜୀବନ ରୂପ ଅନୁଗ୍ରହଦାନର ସହାଧିକାରିଣୀ ଜାଣି ସେମାନଙ୍କୁ ସମାଦର କର ଓ ଜ୍ଞାନରେ ସେମାନଙ୍କ ସହିତ ବାସ କର ।)(1ପିତର 3:7) ।

## ପରିବାରରେ ସ୍ୱାମୀ ଓ ସ୍ତ୍ରୀର ଭୂମିକା

(ଆଉ ଖ୍ରୀଷ୍ଟଙ୍କୁ ଭୟ କରି ପରସ୍ପର ବଶିଭୂତ ହୁଅ ।) (ଏଫିସୀୟ5:21) ।ସଦାପ୍ରଭୁଙ୍କ ଆଜ୍ଞା ଅନୁସାରେ,ସମସ୍ତେ ପରସ୍ପର ବଶିଭୁତ ହେବା ଆବଶ୍ୟକ ।ସଦାପ୍ରଭୁ ପରମେଶ୍ୱର ନିଜେ ବିବାହ ଓ ପରିବାରର ସ୍ଥାପନ କଲେ ,ସେ ନର ନିମନ୍ତେ ଅନୁରୂପ ସହକାରିଣୀ ନାରୀକୁ ନିର୍ମାଣ କଲେ ଓ ସେମାଲଙ୍କୁ ଏଦନ ଉଦ୍ୟାନରେ ରଖିଲେ ।ସଦାପ୍ରଭୁ ପରମେଶ୍ୱର ସେମାନଙ୍କ ବିଷୟରେ କହନ୍ତି,(ଏଥିନିମନ୍ତେ ମନୁଷ୍ୟ ଆପଣା ପିତା ମାତାଙ୍କୁ ଛାଡ଼ି ଆପଣା ଭାର୍ଯ୍ୟାଠାରେ ଆସକ୍ତ ହେବ, ଆଉ ସେମାନେ ଏକାଂଗ ହେବେ ।) (ଆଦି

2:24)।( ହେ ସ୍ତ୍ରୀମାନେ, ତୁମ୍ଭେମାନେ ଯେପରି ପ୍ରଭୁଙ୍କର ବଶିଭୂତା,ସେହିପରି ଆପଣା ଆପଣା ସ୍ୱାମୀର ବଶିଭୂତା ହୁଅ । କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକସ୍ୱରୂପ,ସ୍ୱାମୀମଧ୍ୟ ସେହିପରି ସ୍ତ୍ରୀର ମସ୍ତକସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀରରୂପ ମଣ୍ଡଳୀର ତ୍ରାଣକର୍ତ୍ତା । ହଁ, ମଣ୍ଡଳୀ ଯେପରି ଖ୍ରୀଷ୍ଟଙ୍କର ବଶିଭୂତା, ସେହିପରି ସ୍ତ୍ରୀମାନେ ମଧ୍ୟ ସବୁ ବିଷୟରେ ଆପଣା ଆପଣା ସ୍ୱାମୀମାନଙ୍କର ବଶିଭୁତା ହୁଅନ୍ତୁ ।) (ଏଫିସୀୟ 5:22-24) ।ଆମ୍ଭେମାନେ କେବେ ହେଲେ କଳ୍ପନା ମଧ୍ୟ କରି ପାରିବା ନାହିଁ ଯେ, ମଣ୍ଡଳୀ ଆପଣା ତ୍ରାଣକର୍ତ୍ତା ପ୍ରଭୁଙ୍କ ସହିତ ବିଦ୍ରୋହ କରିପାରେ,ସେହିପରି ସ୍ତ୍ରୀମାନେ ମଧ୍ୟ ଆପଣା ଆପଣା ମସ୍ତକସ୍ୱରୂପ ସ୍ୱାମୀମାନଙ୍କ ସହିତ ବିଦ୍ରୋହ କରିବା ଅସମ୍ଭବ ଅଟେ । ଯେପରି ମଣ୍ଡଳୀ ସମସ୍ତ ବିଷୟରେ ମସ୍ତକରୂପ ଖ୍ରୀଷ୍ଟଙ୍କର ଆଜ୍ଞାବହା ଓ ବଶିଭୂତା, ସେହିପରି,ସ୍ତ୍ରୀମାନେ ମଧ୍ୟ ସମସ୍ତ ବିଷୟରେ ଆପଣା ଆପଣା ସ୍ୱାମୀମାନଙ୍କର ଆଜ୍ଞାବହା ଓ ବଶିଭୂତା ହେବା ଅତ୍ୟନ୍ତ ଆବଶ୍ୟକ ।ଆପଣା ସ୍ୱାମୀଙ୍କ ସମସ୍ତ ସମସ୍ତ ବାକ୍ୟ ଓ କାର୍ଯ୍ୟରେ ସ୍ତ୍ରୀ ଏକମତ ହୋଇ ନ ପାରେ,କିନ୍ତୁ ଯଦି ସ୍ୱାମୀ ଆପଣା ବାକ୍ୟ ଓ କାର୍ଯ୍ୟରେ ପାପ ନ କରି, ସଦାପ୍ରଭୁଙ୍କ ବାକ୍ୟ ଅନୁସାରେ ପଦକ୍ଷେପ ନେଉଁଛନ୍ତି,ତାହା ହେଲେ ସ୍ତ୍ରୀକୁ ଆପଣା ସ୍ୱାମୀଙ୍କ ସହ ଏକମତା ଓ ଆଜ୍ଞାବହା ତଥା ବଶିଭୂତା ହେବା ନିତାନ୍ତ

ଦରକାର ।( ସେହିପରି ସ୍ୱାମୀମାନଙ୍କର ମଧ୍ୟ ଆପଣା ଆପଣା ସ୍ତ୍ରୀମାନଙ୍କୁ ନିଜ ନିଜ ଶରୀର ସଦୃଶ ପ୍ରେମ କରିବା ଉଚିତ୍ । ଯେ ନିଜ ସ୍ତ୍ରୀକୁ ପ୍ରେମ କରେ, ସେ ଆପଣାକୁ ପ୍ରେମ କରେ ।( ଏଫିସୀୟ 5:28 ) ।ହେ ସ୍ୱାମୀମାନେ,ଆପଣା ଆପଣା ଭାର୍ଯ୍ୟାମାନଙ୍କୁ ପ୍ରେମ କର,ସେମାନଙ୍କ ପ୍ରତି କଟୁ ବ୍ୟବହାର କର ନାହିଁ ।(କଲସୀୟ 3:19) ।ଏହି ବାକ୍ୟ ଗୁଡ଼ିକରୁ ଆମ୍ଭେମାନେ ଜାଣିଲୁ ଯେ, ସ୍ୱାମୀମାନେ ଆପଣା ଆପଣା ସ୍ତ୍ରୀମାନଙ୍କ ପ୍ରତି କଠୋର ଓ ନିଷ୍ଠୁର ହେବା ଅନୁଚିତ୍ । ଯଦ୍ୟପି ସ୍ୱାମୀ ଆପଣା ସ୍ତ୍ରୀ ଉପରେ କର୍ତ୍ତୃତ୍ୱ କରିବ, ତଥାପି ସେ ପ୍ରେମରେ କର୍ତ୍ତୃତ୍ୱ କରିବା ଦରକାର । ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କୁ ଆଜ୍ଞା ଦିଆଯାଇଅଛି,(ହେ ସ୍ୱାମୀମାନେ ତୁମ୍ଭେମାନେ ପ୍ରତ୍ୟେକେ ଆପଣା ଆପଣା ସ୍ତ୍ରୀକୁ ଆତ୍ମତୁଲ୍ୟ ପ୍ରେମ କର,ଆଉ ସ୍ତ୍ରୀ ମଧ୍ୟ ଆପଣା ସ୍ୱାମୀକୁ ଭକ୍ତି କରୁ । (ଏଫିସୀୟ5:33) ।

## ମଣ୍ଡଳୀରେ ସ୍ୱାମୀ ଓ ସ୍ତ୍ରୀର ଭୂମିକା

ଯେଉଁ ପରମେଶ୍ୱର ପରିବାରର ଗଠନ କଲେ, ସେହି ପରମେଶ୍ୱର ଜଗତରେ ମଣ୍ଡଳୀର ମଧ୍ୟ ସ୍ଥାପନ କଲେ ।ଯେପରି ସେ ପରିବାରର ପରିଚାଳନା ପାଇଁ ଆଜ୍ଞା ଦିଅନ୍ତି,ସେପରି ମଧ୍ୟ ସେ ମଣ୍ଡଳୀର ପରିଚାଳନା ପାଇଁ ଉପଦେଶ ଓ ଆଦେଶ ଦିଅନ୍ତି । ଯେପରି ପୁରୁଷ, ସ୍ତ୍ରୀର ଓ ପରିବାରର ମସ୍ତକସ୍ୱରୂପ,ସେହିପରି ମଧ୍ୟ ସେ ମଣ୍ଡଳୀର ପରିଚାଳକ ଅଟେ ।ପବିତ୍ର

ବାଇବଲର ନୂତନ ନିୟମରେ ବିଷପ୍ ପାଳକ ,ଡିକନ ଓ ପ୍ରାଚୀନ ପଦ ପାଇଁ କେବଳ ପୁରୁଷମାନଙ୍କୁ ନିଯୁକ୍ତ କରିବା ଆଦେଶ ଦିଆଯାଇଛି ।ସେମାନଙ୍କର ଅନେକ ଯୋଗ୍ୟତା ମଧ୍ଯରୁ ଏକ ଯୋଗ୍ୟତା ହେଉଛି, ସେମାନେ ଏକ ଏକ ସ୍ତ୍ରୀର ହିଁ ସ୍ଵାମୀ ହୋଇଥିବା ଉଚିତ୍ ।(1ତୀମଥି3:2,3:12,ତିତସ୍ 1:6, ଏହି ବାକ୍ୟ ଗୁଡ଼ିକୁ ପଢ଼ନ୍ତୁ ।)ସଦାପ୍ରଭୁ ପରମେଶ୍ଵର ଆଗରୁ ଜାଣିଥିଲେ, ଯେ ମନୁଷ୍ୟ ଭବିଷ୍ୟତରେ ତାହାଙ୍କର ଆଜ୍ଞା ଉଲଂଘନ କରି ବିଷପ୍,ପାଳକ,ଡିକନ ଓ ପ୍ରାଚୀନ ପଦରେ ସ୍ତ୍ରୀମାନଙ୍କୁ ମଧ ରଖିବ,ସେଥିନିମନ୍ତେ ପୁର୍ବରୁ ଏହି ବାକ୍ୟ ଗୁଡ଼ିକ ପବିତ୍ର ବାଇବଲରେ ଉଲ୍ଲେଖ କରି ଦେଇଛନ୍ତି । ପବିତ୍ର ବାଇବଲ ଅନୁସାରେ ଯେପରି ପରିବାରର କର୍ତ୍ତୃତ୍ଵ ପୁରୁଷମାନେ କରିବା ଉଚିତ୍,ସେପରି ମଣ୍ଡଳୀରେ ମଧ୍ଯ ପୁରୁଷମାନେ ହିଁ କର୍ତ୍ତୃତ୍ଵ କରିବା ଉଚିତ୍ ।

(ସ୍ତ୍ରୀ ପୂର୍ଣ୍ଣ ବଶତା ସ୍ଵୀକାର କରି ମୌନଭାବରେ ଶିକ୍ଷା ଗ୍ରହଣ କରୁ ।ମୁଁ ସ୍ତ୍ରୀକୁ ଶିକ୍ଷା ଦେବା ପାଇଁ ଅବା ପୁରୁଷ ଉପରେ କର୍ତ୍ତାପଣ କରିବା ପାଇଁ ଅନୁମତି ଦେଉନାହିଁ, ମାତ୍ର ସେ ମୌନ ରହୁ ।(1ତିମଥି 2:11-12) (ସାଧୁମାନଙ୍କ ସମସ୍ତ ମଣ୍ଡଳୀରେ ଯେପରି ହୋଇଥାଏ,ସେପରି ସ୍ତ୍ରୀମାନେ ମଣ୍ଡଳୀରେ ନିରବ ରହନ୍ତୁ,ଯେଣୁ କଥା କହିବା ନିମନ୍ତେ ସେମାନେ ଅନୁମତି ପାଇ ନାହାନ୍ତି, ବରଂ ବ୍ୟବସ୍ଥାର ଉକ୍ତି ଅନୁସାରେ ସେମାନେ ବଶୀଭୂତା ହୋଇ ରହନ୍ତୁ । ସେମାନେ

ଯଦି କୌଣସି ବିଷୟ ବୁଝିବାକୁ ଚାହାନ୍ତି ତେବେ ଘରେ ଆପଣା ଆପଣା ସ୍ୱାମୀମାନଙ୍କୁ ପଚାରନ୍ତୁ,କାରଣ ମଣ୍ଡଳୀ ମଧ୍ୟରେ କଥା କହିବା ସ୍ତ୍ରୀଲୋକ ପକ୍ଷରେ ଲଜ୍ଜାଜନକ ।( 1କରିନ୍ଥିୟ 14:34-35) । ସ୍ତ୍ରୀମାନେ ପିଲାମାନଙ୍କୁ ଓ ସ୍ତ୍ରୀମାନଙ୍କୁ ଶିକ୍ଷା ଦେଇ ପାରନ୍ତି, ବରଂ ମଣ୍ଡଳୀରେ ପ୍ରଚାର କରିବା ସଦାପ୍ରଭୁ ପରମେଶ୍ୱରଙ୍କୁ ବାକ୍ୟର( ଆଜ୍ଞାର) ଉଲଙ୍ଘନ ଅଟେ । ଉପରୋକ୍ତ ବାକ୍ୟ ଗୁଡ଼ିକରୁ ସ୍ପଷ୍ଟରୂପରେ ଜଣା ପଡୁଛି ଯେ, ପାଳକ କିମ୍ବା ବିଷପ,ଡିକନ ଓ ପ୍ରାଚୀନ ପଦ ପାଇଁ ଅଧିକାର ଓ କାର୍ଯ୍ୟଭାର କେବଳ ପୁରୁଷ ମାନଙ୍କୁ ଦିଆଯାଇଛି,ମହିଳାମାନଙ୍କୁ ନୁହେଁ । ପରିବାରରେ ତଥା ମଣ୍ଡଳୀରେ କର୍ତ୍ତୃତ୍ୱ କରିବା କିମ୍ବା ଶିକ୍ଷା ଓ ଉପଦେଶ ଦେବା ଅଧିରାର ମହିଳା ମାନଙ୍କୁ ଦିଆଯାଇ ନାହିଁ । ସେମାନେ ଯଦି ଶିକ୍ଷା ଓ ଉପଦେଶ ଦେବାକୁ ଇଛା କରନ୍ତି,ତେବେ ମହିଳାମାନଙ୍କ ମଧ୍ୟରେ ଓ ପିଲାମାନଙ୍କ ମଧ୍ୟରେ କରନ୍ତୁ,ତାହା ପରମେଶ୍ୱରଙ୍କ ଗ୍ରହଣଯୋଗ୍ୟ ହେବ । ପରମେଶ୍ୱରଙ୍କ ବାକ୍ୟରେ, ଆଦି କାଳରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ସେ ନିଜର ପ୍ରତିନିଧି ରୂପରେ, ଆପଣା ସେବାକାର୍ଯ୍ୟରେ,ନେତୃତ୍ୱଓ କର୍ତ୍ତୃତ୍ୱ କରିବା ପାଇଁ ତଥା ଶିକ୍ଷା ଓ ଉପଦେଶ ଦେବା ପାଇଁ ଅନେକ ପୁରୁଷମାନଙ୍କୁ ଆହ୍ୱାନ କରିଛନ୍ତି,ମହିଳା ମାନଙ୍କୁ ନୁହେଁ । ବାଇବଲର ପୁରାତନ ନିୟମରେ ପରମେଶ୍ୱର ନିଜର ପ୍ରତିନିଧି ରୂପେ ଇଶ୍ରାୟେଲ ମଣ୍ଡଳୀର ନେତୃତ୍ୱ ଓ କର୍ତ୍ତାପଣ କରିବାର ଅଧିକାର, କିମ୍ବା ମହାଯାଜକର ପଦର ଅଧିକାର କୌଣସି ମହିଳାକୁ ଦେଇ ନାହାନ୍ତି । ନୂତନ

ନିୟମରେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁ ଖ୍ରୀଷ୍ଟ ମଧ୍ୟ ଆପଣା ସେବାକାର୍ଯ୍ୟରେ ଶିଷ୍ୟା ରୂପରେ କୌଣସି ମହିଳାକୁ ନିଯୁକ୍ତି କରିଥିବାର ପ୍ରମାଣ ଉଲ୍ଲେଖ ହୋଇନାହିଁ । ତା ହେଲେ ସ୍ତ୍ରୀମାନେ ପ୍ରଭୁଙ୍କର ସେବାକାର୍ଯ୍ୟ କରିପାରିବେ କି ନାହିଁ ? ଉତ୍ତର- ନିଶ୍ଚୟ କରିପାରିବେ । କିପରି କରିପାରିବେ ? ଉତ୍ତର- ସଦାପ୍ରଭୁ ପରମେଶ୍ୱରଙ୍କ ବାକ୍ୟ ଅନୁସାରେ । ଆସକ୍ତ,ପରମେଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା । (ଏଥିର ଅଳ୍ପ ସମୟ ପରେ ସେ ଆପେ ନଗରେ ମଗରେ ଗ୍ରାମେ ଗ୍ରାମେ ଘୋଷଣା କରି ଈଶ୍ୱରଙ୍କ ରାଜ୍ୟର ସୁସମାଚାର ପ୍ରଚାର କରି ଭ୍ରମଣ କରିବାକୁ ଲାଗିଲେ,ଆଉ ଦ୍ୱାଦଶ ତାହାଙ୍କ ସଂଗରେ ଥିଲେ,ପୁଣି ଯେଉଁ ସ୍ତ୍ରୀମାନେ ଦୁଷ୍ଟ ଆତ୍ମା ଓ ରୋଗରୁ ସୁସ୍ଥ କରାଯାଇଥିଲେ, ଏପରି କେତେକ ସ୍ତ୍ରୀଲୋକ ଅର୍ଥାତ୍ ମଗ୍ ଦଲୀନୀ ନାମ୍ନୀ ମରିୟମ,ଯାହାଙ୍କଠାରୁ ସାତ ଭୂତ ବାହାରି ଯାଇଥିଲେ, ହେରୋଦଙ୍କ ବେବର୍ତ୍ତା ଖୂଜାଙ୍କ ଭାର୍ଯ୍ୟା ଯୋହନା,ଶୋଶାନ୍ନା,ପୁଣି ଆହୁରି ଅନେକ ସ୍ତ୍ରୀଲୋକ ତାହାଙ୍କ ସହିତ ଥାଇ ଆପଣା ଆପଣା ସଂପତ୍ତି ଦେଇ ସେମାନଙ୍କର ସେବା କରୁଥିଲେ । (ଲୂକ 8:1-3) ମହିଳା ମାନେ ମହିଳା ମାନଙ୍କ ମଧ୍ୟରେ ଓ ପିଲାମାନଙ୍କ ମଧ୍ୟରେ ଶିକ୍ଷା ଓ ପ୍ରଚାର କାର୍ଯ୍ୟ କରି ପାରନ୍ତି, କିନ୍ତୁ ମଣ୍ଡଳୀରେ ଶିକ୍ଷା,ଉପଦେଶ ଓ ପ୍ରଚାର କାର୍ଯ୍ୟ ପାଇଁ ବାଇବଲରେ ସେମାନଙ୍କୁ ଅଧିକାର ଦିଆଯାଇ ନାହିଁ ।ମଣ୍ଡଳୀ ପରିଚାଳନାର ଦାୟିତ୍ୱ କେବଳ ପୁରୁଷ ମାନଙ୍କୁ ହିଁ ଦିଆଯାଇଛି । ଶିକ୍ଷା ଓ ଉପଦେଶ ତଥା ପ୍ରଚାର କରିବାର ଅଧିକାର କେବଳ

ପୁରୁଷମାନଙ୍କୁ ଦିଆଯାଇଅଛି । ଏହି ବିଷୟରେ ଆମେ ବାଇବଲର (1ତୀମଥି2:11-12,1କରିନ୍ଥୀୟ14:34-3)ବାକ୍ୟାଂଶରେ ପଢ଼ିପାରିବା ।କର୍ତ୍ତୃତ୍ୱ କରିବାର ଅଧିକାର କେବଳ ପୁରୁଷମାନଙ୍କୁ ଦିଆଯାଇଛି ।ଯଦି ଜଣେ ମହିଳାକୁ ପାଳକ ପଦ ଦିଆଯିବ ତାହା ହେଲେ କିଏ କର୍ତ୍ତୃତ୍ୱ କରିବ ବୋଲି କହିବା ? ଯଦି ମଣ୍ଡଳୀର ପରିଚାଳନାର ନିଷ୍ପତି ନେବା ଦାୟିତ୍ୱ ମହିଳାମାନଙ୍କୁ ଦେବା ତାହା ହେଲେ କିଏ କର୍ତ୍ତୃତ୍ୱ କରୁଛନ୍ତି ବୋଲି କହିବା ? ଯଦି କୌଣସି ବାଇବଲ ଅଧ୍ୟୟନ ଶ୍ରେଣୀରେ ଯେଉଁଠାରେ ପୁରୁଷମାନେ ପଢୁଛନ୍ତି,ସେଠାରେ ଯଦି ଜଣେ ମହିଳା ପଢ଼ାନ୍ତି, ତେବେ କିଏ କର୍ତ୍ତୃତ୍ୱ କରୁଛନ୍ତି ବୋଲି କହିବେ ? ସଦାପ୍ରଭୁ ପରମେଶ୍ୱର ତାହାଙ୍କ ସେବାକାର୍ଯ୍ୟ ଭାର ପୁରୁଷ ଏବଂ ସ୍ତ୍ରୀ ଉଭୟଙ୍କୁ ଦେଇଛନ୍ତି,କିନ୍ତୁ ତାହା ଶୃଙ୍ଖଳାରେ ଓ ଯଥାକ୍ରମରେ କରିବାକୁ ଆଦେଶ ମଧ୍ୟ ଦେଇଛନ୍ତି ।ସମସ୍ତ ପରମେଶ୍ୱରଙ୍କ ଲୋକମାନେ ତଥା ସେବକମାନେ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ତାହାଙ୍କ ଆଦେଶ ଓ ଆଜ୍ଞା ଅନୁସାରେ ତାହାଙ୍କ ସେବାକାର୍ଯ୍ୟ ସୁଚାରୁ ରୂପରେ ଏବଂ ଶୃଙ୍ଖଳାର ସହିତ କରିବା ଉଚିତ୍ ।

ପ୍ରେରିତ ପାଉଲ କରିନ୍ଥୀୟ ମଣ୍ଡଳୀକୁ ପରମେଶ୍ୱରଙ୍କ ନିୟମର ପାଳନ କରିବାକୁ ଉପଦେଶ ଦେଇ କହନ୍ତି,( କାରଣ ଈଶ୍ୱର ବିଶୃଙ୍ଖଳାର ଈଶ୍ୱର ନୁହନ୍ତି,ମାତ୍ର ଶାନ୍ତିର ଓ ଶୃଙ୍ଖଳାର ଈଶ୍ୱର ଅଟନ୍ତି । ସାଧୁମାନଙ୍କ ସମସ୍ତ ମଣ୍ଡଳୀରେ ଯେପରି ହୋଇଥାଏ,ସେହିପରି ସ୍ତ୍ରୀଲୋକମାନେ ମଣ୍ଡଳୀରେ

ନିରବ ରହନ୍ତୁ,ଯେଣୁ କଥା କହିବା ନିମନ୍ତେ ସେମାନେ ଅନୁମତି ପାଇ ନାହାନ୍ତି, ବରଂ ବ୍ୟବସ୍ଥାର ଉକ୍ତି ଅନୁସାରେ ସେମାନେ ବଶିଭୂତା ହୋଇ ରହନ୍ତୁ ।ସେମାନେ ଯଦି କୌଣସି ବିଷୟ ବୁଝିବାକୁ ଇଛା କରନ୍ତି, ତେବେ ଘରେ ଆପଣା ଆପଣା ସ୍ଵାମୀମାନଙ୍କୁ ପଚାରନ୍ତୁ ,କାରଣ ମଣ୍ଡଳୀ ମଧ୍ୟରେ କଥା କହିବା ସ୍ତ୍ରୀଲୋକମାନଙ୍କ ପକ୍ଷରେ ଲଜ୍ଜାଜନକ । କଅଣ?ଈଶ୍ବରଙ୍କ ବାକ୍ୟ କି ତୁମ୍ଭମାନଙ୍କଠାରୁ ବାହାରିଅଛି ?ଅବା କେବଳ ତୁମ୍ଭମାନଙ୍କ ନିକଟକୁ ଆସିଅଛି ? କେହି ଯଦି ଆପଣାକୁ ଭାବବାଦି ବା ଆତ୍ମିକ ଦାନ ପ୍ରାପ୍ତ ବୋଲି ମନେ କରେ,ତାହାହେଲେ ମୁଁ ତୁମ୍ଭମାନଙ୍କୁ ଯାହା ଯାହା ଲେଖୁଅଛି,ସେହିସବୁ ଯେ ପ୍ରଭୁଙ୍କ ଆଜ୍ଞା ,ଏହା ସେ ଜ୍ଞାତ ହେଉ ।କିନ୍ତୁ ଯଦି କେହି ଜ୍ଞାତ ନ ହୁଏ ତେବେ ସେ ଅଜ୍ଞାତ ରହୁ (1କରିନ୍ଥୀୟ14:33-38) । ଉପରୋକ୍ତ ବାକ୍ୟରେ ପ୍ରେରିତ ପାଉଲ ଈଶ୍ବରଙ୍କ ବାକ୍ୟକୁ ଦୃଢ଼ତାରେ ଓ କଠିନତାରେ, ଅଧିକାରର ସହିତ ଶିକ୍ଷା ଦିଅନ୍ତି,ପ୍ରିୟଭାଇ, ପରମେଶ୍ଵରଙ୍କ ସେବକ,ଆପଣ କିପରି ଭାବେ ଈଶ୍ବରଙ୍କ ବାକ୍ୟ ପ୍ରଚାର କରନ୍ତି ? କରିନ୍ଥୀୟ ମଣ୍ଡଳୀକୁ ପ୍ରେରିତ ପାଉଲଙ୍କ ଦ୍ଵାରା ଦିଆଯାଇଥିବା ପରମେଶ୍ଵରଙ୍କର ବାକ୍ୟ ଆଜି ଆମ୍ଭମାନଙ୍କ ମଣ୍ଡଳୀ ନିମନ୍ତେ ମଧ୍ୟ ଆବଶ୍ୟକ ନୁହେଁ କି ? କଅଣ ? ମଣ୍ଡଳୀରେ ପାଳକ କିମ୍ବା ପ୍ରଚାରକ ପଦରେ ମହିଳାମାନଙ୍କୁ ନିଯୁକ୍ତ କରାଯାଇପାରିବ କି ?ପ୍ରଭୁଙ୍କର ବାକ୍ୟ କୁହେ- ନାହିଁ,ଆପଣ କଅଣ କହୁଅଛନ୍ତି ? କଅଣ ? ମଣ୍ଡଳୀର ପରିଚାଳନାର ନିଷ୍ପତି ନେବା ଦାୟିତ୍ଵ ମହିଳାମାନଙ୍କୁ ଦିଆଯାଇପାରିବ କି ?

ପ୍ରଭୁଙ୍କ ବାକ୍ୟ କୁହେ- ନାହିଁ, ଆପଣ କଅଣ କହୁଅଛନ୍ତି ? ଯଦି ମହିଳା ମାନଙ୍କ ମଧ୍ୟରେ ଓ ପିଲାମାନଙ୍କ ମଧ୍ୟରେ ମହିଳାମାନେ ଶିକ୍ଷା ଓ ଉପଦେଶ ଦେବା ତଥା ପ୍ରଚାର କାର୍ଯ୍ୟ କରନ୍ତି, ଭଲ କଥା , କିନ୍ତୁ ଘରର ଓ ମଣ୍ଡଳୀର ପରିଚାଳନା ଓ ଶାସନ ଦାୟିତ୍ୱ, ପ୍ରଭୁଙ୍କ ବାକ୍ୟରେ କେବଳ ପୁରୁଷମାନଙ୍କୁ ଦିଆଯାଇଛି, କାରଣ ଘରେ ଯେପରି ପୁରୁଷ ସ୍ତ୍ରୀର ମସ୍ତକସ୍ୱରୂପ,ସେପରି ମଣ୍ଡଳୀରେ ମଧ୍ୟ ପୁରୁଷ ସ୍ତ୍ରୀର ମସ୍ତକସ୍ୱରୂପ । ଆପଣ କଅଣ କହୁଅଛନ୍ତି ? ଯଦି କେହି କହନ୍ତି,ପ୍ରେରିତ ପାଉଲଙ୍କ ସମୟରେ କୁହାଯାଇଥିବା ପ୍ରଭୁଙ୍କ ବାକ୍ୟ ଆଜିକାଲି ଆମ୍ଭମାନଙ୍କ ନିମନ୍ତେ ଆବଶ୍ୟକ ନାହିଁ, ତାହା ହେଲେ ସେମାନେ କୁହନ୍ତୁ , କାହିଁକି, ନାହିଁ ? ଅବଶ୍ୟ, ଏପରି କିଛି କରିନ୍ଥୀୟମାନଙ୍କ ପ୍ରଥା ଅଛି ଯାହା ଆମ୍ଭମାନଙ୍କର ଆବଶ୍ୟକ ନାହିଁ, କିନ୍ତୁ ପରମେଶ୍ୱରଙ୍କର ଜୀବନ୍ତ ବାକ୍ୟର କାଲି, ଆଜି ଓ ଯୁଗ ଯୁଗାନ୍ତର ମନୁଷ୍ୟ ସମାଜକୁ ଆବଶ୍ୟକ ରହିଛି ।ଏହା ଆମ୍ଭମାନଙ୍କର ଉଦ୍ଧାରକର୍ତ୍ତା ପ୍ରିୟତମ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କର ମୁଖନିର୍ଗତ ଜୀବନ୍ତ ଓ ସତ୍ୟ ବାକ୍ୟ ଅଟେ ।( କିନ୍ତୁ ସେ ଉତ୍ତର ଦେଲେ ମନୁଷ୍ୟ କେବଳ ରୋଟିରେ ବଞ୍ଚିବ ନାହିଁ,ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ । (ମାଥିଉ 4:4) । (ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର,କାରଣ ତୁମ୍ଭର ବାକ୍ୟ ତ ସତ୍ୟ । )( ଯୋହନ17:17) ।ସମସ୍ତ ଗୌରବ,ସମ୍ଭ୍ରମ,ମହିମା, କର୍ତ୍ତାପଣ ଓ ପରାକ୍ରମ ଯୁଗେ ଯୁଗେ ତାହାଙ୍କର । ଆମେନ୍ ।

ଆପଣଙ୍କ ପ୍ରଶ୍ନ,ସନ୍ଦେହ କିମ୍ବା ପରାମର୍ଶ

ନିମନ୍ତେ ଦୟାକରି ଯୋଗାଯୋଗ କରନ୍ତୁ:

**-91-9445614044,**

**91-9444959658,**

**044-27430044**